# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର ବି ଜ୍ଞା ପ ନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ ଜିଲ୍ଲାଙ୍କ ତରଫରୁ ୫୨
(ବାବନ) ଗୋଟି ସହଚର ପଦବୀ ଚୁକ୍ତି ଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାଇ ଜିଲ୍ଲା ସ୍ତରୀୟ ଜାତିଗତ
ସଂରକ୍ଷଣଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| ପଦବୀ | ଅଣ ସଂରକ୍ଷିତ ବର୍ଗ | ଅନୁସୂଚିତ ଜାତି ବର୍ଗ | ଅନୁସୂଚିତ ଜନଜାତି ବର୍ଗ | ମୋଟ |
|---|---|---|---|---|
| ସହଚର | ୩୦ (ମହିଳା-୧୦) | ୦୬ (ମହିଳା- ୨) | ୧୬ (ମହିଳା- ୫) | ୫୨ (ମହିଳା- ୧୭) |

ଖାଲିଥିବା ୫୨ (ବାବନ) ଗୋଟି ସହଚର ପଦବୀ ମଧ୍ୟରୁ ୨ (ଦୁଇ) ଗୋଟି ପଦବୀ ଶାରୀରିକ ଅକ୍ଷମ, ୨ (ଦୁଇ) ଗୋଟି
ପଦବୀ ପୂର୍ବତନ ସାମରିକ କର୍ମଚାରୀ ଓ ୧ (ଏକ) ଗୋଟି ପଦବୀ ଖେଳାଳିଙ୍କ ପାଇଁ ସରଂକ୍ଷିତ ରହିବ । ଶାରୀରିକ ଅକ୍ଷମ, ପୂର୍ବତନ ସାମରିକ କର୍ମଚାରୀ ଓ
ଖେଳାଳି ବର୍ଗର ଉପଯୁକ୍ତ ପ୍ରାର୍ଥୀ ମାନଙ୍କୁ ସେହି ବର୍ଗର ଖାଲି ଥିବା ପଦବୀରେ ବ୍ୟବସ୍ଥିତ କରାଯିବ ।

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ ପ୍ରାର୍ଥୀନୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର ( Chief District
Veterinary Officer, Ganjam, Berhampur) ଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିବେ । ଚୁକ୍ତିଭିତ୍ତିକ
ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

<u>ଚୟନ ନିୟମାବଳୀ</u>: ଓଡିଶା ସରକାରଙ୍କ ପତ୍ର ସଂଖ୍ୟା: ୧୪୪୫୩ FARD ତା: ୧୯/୧୧/୨୦୧୮ ରିଖ ଅନୁଯାଇ ପ୍ରାର୍ଥୀଙ୍କ ଚୟନ କରାଯିବ ।

<u>ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା</u> : (୧) ପ୍ରାର୍ଥୀ/ ପ୍ରାର୍ଥୀନୀ ରାଜ୍ୟ ଶିକ୍ଷା ବିଭାଗ ଦ୍ୱାରା ନିୟନ୍ତ୍ରିତ ମଧ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ତତ୍ତୁଲ୍ୟ
ଶିକ୍ଷାଗତ ଯୋଗ୍ୟତା ଯାହାକି ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(୨) ପ୍ରାର୍ଥୀ/ ପ୍ରାର୍ଥୀନୀ ଜାତୀୟ ପରିକଳ୍ପନା ଗବାଦିପଶୁ ଓ ବିଭିନ ପ୍ରକାରର ମଇଁଷିଙ୍କ ଅଭିଜନକ (NPCBB) ଦ୍ୱାରା ପରିଚାଳିତ
କୃତିମ ପ୍ରଜନନ ପ୍ରୟୋଗ କାର୍ଯ୍ୟକ୍ଷେତ୍ରରେ ଅନୁନ୍ୟ ତିନି ବର୍ଷର ସନ୍ତୋଷ ଜନକ କାର୍ଯ୍ୟ କୁଶଳତାର ଅଭିଜ୍ଞତା ଥିବା କେବଳ ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନୀ ଏହି
ସହଚର ପଦବୀ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇପାରିବେ ।

(୩) ପ୍ରାର୍ଥୀ/ ପ୍ରାର୍ଥୀନୀ ଓଡିଆ କହିବା, ପଢିବା ଓ ଲେଖିବା ଜାଣିଥିବେ ଏବଂ ନୈତିକ ଗୁଣ ଉତ୍ତମ ହୋଇଥିବା ଆବଶ୍ୟକ ।

(୪) ପ୍ରାର୍ଥୀ/ ପ୍ରାର୍ଥୀନୀ ଭାରତୀୟ ନାଗରିକ ଓ ଗଞ୍ଜାମ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ଏବଂ ବିବାହିତ ପ୍ରାର୍ଥୀ/
ପ୍ରାର୍ଥିନୀଙ୍କ ଗୋଟିଏ ସ୍ତ୍ରୀ/ ସ୍ୱାମୀ ଥିବା ଆବଶ୍ୟକ ।

ବୟସ ସୀମା : ସାଧାରଣ ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ବୟସ ସୀମା ୧୮ ବର୍ଷରୁ ୩୨ ବର୍ଷ (୦୧. ୦୧. ୨୦୧୮ ସୁଦ୍ଧା) ହୋଇଥିବା ଆବଶ୍ୟକ। ତଫସିଲଭୁକ୍ତ
ଜାତି ଓ ତଫସିଲଭୁକ୍ତ ଜନଜାତି ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ଅଧିକ ୫ (ପାଞ୍ଚ) ବର୍ଷ କୋହଳ କରାଯିବ । ଉପରୋକ୍ତ
ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ଥିବା ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କ ପାଇଁ ସର୍ବୋଚ୍ଚ ବୟସସିମା ୪୫ ବର୍ଷ ଅଟେ ।

ଶାରୀରିକ ଉପଯୁକ୍ତତା: ପ୍ରାର୍ଥୀ/ ପ୍ରାର୍ଥୀନୀ ଉତ୍ତମ ମାନସିକ କ୍ଷମତା, ଉତ୍ତମ ସ୍ୱାସ୍ଥ୍ୟ ରହିବା ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରୀରିକ ତ୍ରୁଟି ନ ଥିବା
ଆବଶ୍ୟକ ଯାହାକି ସହଚର କାର୍ଯ୍ୟ ସମ୍ପାଦନ କରିବାରେ ବାଧକ ହେବ । ପରବର୍ତ୍ତୀ ସମୟରେ ପ୍ରାର୍ଥୀ/ ପ୍ରାର୍ଥୀନୀ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଡାକ୍ତରୀ ସ୍ୱାସ୍ଥ୍ୟ
ପରୀକ୍ଷା ରେ ସନ୍ତୋଷ ଜନକ ନହେଲେ ସେମାନଙ୍କୁ ନିଯୁକ୍ତି ଦିଆଯିବନାହିଁ । ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ସର୍ବନିମ୍ନ ଉଚ୍ଚତା ୫' (ପାଞ୍ଚ ଫୁଟ) ଏବଂ କେବଳ ପ୍ରାର୍ଥୀଙ୍କ
ଛାତି ଅଣସମ୍ପ୍ରସାରିତ ୩୦"(ତିରିଶ ଇଞ୍ଚ ) ରହିବା ଆବଶ୍ୟକ । ପ୍ରାର୍ଥୀ/ ପ୍ରାର୍ଥୀନୀ ସାଇକେଲ ଚଳାଇବା ଜାଣିଥିବା ଆବଶ୍ୟକ ।

ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ । ପ୍ରାର୍ଥୀ/ ପ୍ରାର୍ଥୀନୀ ସେମାନଙ୍କର ନାମ ଗଞ୍ଜାମ ଜିଲ୍ଲାର କର୍ମ ନିୟୋଜନ
ସଂସ୍ଥାରେ ପଞ୍ଜୀକୃତ କରିଥିବେ । ଯଦି କୌଣସି ଗୋଟିଏ ବର୍ଗର ପ୍ରାର୍ଥୀ/ ପ୍ରାର୍ଥିନୀ ନମିଳନ୍ତି ତେବେ ଖାଲିଥିବା ଉକ୍ତ ସରଂକ୍ଷିତ ପଦବୀ ଗୁଡିକ ସେହି ବର୍ଗର
ପ୍ରାର୍ଥୀ/ ପ୍ରାର୍ଥିନୀଙ୍କ ଦ୍ୱାରା ପୂରଣ କରାଯିବ ।

ଯୋଗ୍ୟ ବିବେଚିତ ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କୁ ଓଡିଶା ସରକାରଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମାବଳୀ ୨୦୧୩ ଅନୁଯାଇ ପ୍ରଥମେ ଏକ ବର୍ଷ ପାଇଁ
ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯିବ ଏବଂ କାର୍ଯ୍ୟ ଦକ୍ଷତା ସନ୍ତୋଷଜନକ ହେଲେ ଉକ୍ତ ନିଯୁକ୍ତିର ମିଆଦ ପ୍ରତି ବର୍ଷ ବଢାଇ ଦିଆଯାଇପାରେ ଓ ଏହିପରି ଚୁକ୍ତିଭିତ୍ତିକ
ପଦବୀରେ ୬ ବର୍ଷ କାର୍ଯ୍ୟ କରିବେ । ଚୁକ୍ତିଭିତ୍ତିକ ସହଚରମାନଙ୍କୁ ପ୍ରଥମବର୍ଷ ମାସିକ ଟ.୮୦୭୦/- ଙ୍କା ମାସିକ ସନ୍ତୋଷ ମୂଳକ ପାରିଶ୍ରମିକ
(Consolidated monthly remuneration) ବାବଦକୁ ଦିଆଯିବ ଏବଂ ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପାରିଶ୍ରମିକ ପ୍ରଦାନ କରାଯିବ ।

ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Self Attested XEROX
copy) ସହ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର ( Chief District Veterinary Officer, Ganjam, Berhampur,
At-Military Line, Bhimarao Peta, PO: Berhampur-760001, Dist-Ganjam ), ଙ୍କ କାର୍ଯ୍ୟାଳୟରେ ଡାକ ଦ୍ୱାରା ଦାଖଲ
କରିପାରିବେ କିମ୍ବା ବ୍ୟକ୍ତିଗତ ଭାବେ ମଧ ଦାଖଲ କରି ଦାଖଲ କରିଥିବା ସମସ୍ତ କାଗଜର ପ୍ରାପ୍ତି ସ୍ୱୀକାର ରସିଦ ନେଇପାରିବେ । ଦରଖାସ୍ତ ପଠାଇବା
ଲଫାଫା ଉପରେ " ସହଚର ପଦବୀ ପାଇଁ ଦରଖାସ୍ତ " ଉଲ୍ଲେଖ କରିବା ଆବଶ୍ୟକ ।

*ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ:- ୧୫/୧୨/୨୦୧୮ (ଏହି ବିଜ୍ଞାପନଟି ଗଞ୍ଜାମ ଜିଲ୍ଲାର ୱେବସାଇଟ,*
*"http://www.ganjam.nic.in" ରେ ଉପଲବ୍ଧ)*

# ଦରଖାସ୍ତ ଫାର୍ମ

(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

ଫଟୋ ସଂଲଗ୍ନ କରାଯିବ

୧. ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ନାମ : ______________________

୨. ପିତା / ସ୍ୱାମୀଙ୍କ ନାମ : ______________________

୩. ସ୍ଥାୟୀ ଠିକଣା : ______________________
: ______________________
: ______________________

୪. ଯୋଗାଯୋଗ ଠିକଣା : ______________________
: ______________________

୫. ଜାତୀୟତା : ______________________

୬. ଜନ୍ମ ତାରିଖ : ______________________

୭. ଶିକ୍ଷାଗତ ଯୋଗ୍ୟତା : ______________________

୮. ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନୀ ଅଟନ୍ତିକି ? : ______________________

( ଯଦି ହଁ ତେବେ କେଉଁ ପଞ୍ଚାୟତ, ବ୍ଲକ, ଉପଖଣ୍ଡରେ କାର୍ଯ୍ୟ କରନ୍ତି):- ______________________
______________________
______________________

୯. ଉଚ୍ଚତା : ______________ ଛାତି ଅଣ ସମ୍ପ୍ରସାରିତ : ______________

୧୦. ଜାତି (SC/ST/ GEN) : ______________________

୧୧. ବିବାହିତ / ଅବିବାହିତ : ______________________

୧୨. ପୁରୁଷ / ସ୍ତ୍ରୀ : ______________________

୧୩. କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବା କ୍ର.ନଂ . ଓ ତାରିଖ : ______________________

ମୁଁ ଏତଦ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପରଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ :-

ଆବେଦନକାରୀଙ୍କ ସ୍ୱାକ୍ଷର

<u>ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର</u>

୧.) ନିଜର ଦୁଇଗୋଟି ନିଜ ସହିମୋହର ହୋଇଥିବା ପାସପୋର୍ଟ ସାଇଜ ଫଟୋଗ୍ରାଫ । ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ ଦରଖାସ୍ତ ଫାର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨.) ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ନିଜ ସହିମୋହର ନକଲ ପ୍ରଦାନ ନକଲେ ଚୟନ କରାଯିବନାହିଁ ।

୩.) ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଠାରୁ ଚରିତ୍ର ପ୍ରମାଣ ପତ୍ରର ନିଜ ସହିମୋହର ନକଲ।

୪.) ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ହାଲ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ନିଜ ସହିମୋହର ନକଲ ।

୫.) କର୍ମନିୟୋଜନ ସଂସ୍ଥାର ପଞ୍ଜିକୃତ ବିଧିମାନ୍ୟ କାର୍ଡର ନିଜ ସହିମୋହର ନକଲ ।

୬.) ଜାତିଗତ ପ୍ରମାଣ ପତ୍ର (SC/ST) ର ନିଜ ସହିମୋହର ନକଲ ।

୭.) ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କ ଠାରୁ ଯେ କି ପ୍ରାର୍ଥୀ/ ପ୍ରାର୍ଥୀନୀ ଙ୍କ ସମ୍ପର୍କୀୟ ହୋଇ ନ ଥିବେ ।

୮.) ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ସ୍ଥଳେ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ ଙ୍କ ଠାରୁ କୃତିମ ପ୍ରଜନନ ପ୍ରୟୋଗ କାର୍ଯ୍ୟକ୍ଷେତ୍ରରେ ତିନି ବର୍ଷର ସନ୍ତୋଷ ଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣ ପତ୍ରର ନିଜ ସହିମୋହର ନକଲ ।

***<u>ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ :- ୧୫/୧୨/୨୦୧୮</u>***

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ଶୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ, ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ/ ପ୍ରାର୍ଥୀନୀ ଡାକ ଦ୍ୱାରା ପଠାଇ ଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ/ ଆବଶ୍ୟକ ପ୍ରମାଣପତ୍ର (ନିଜ ସହିମୋହର ନକଲ) ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

*ଅନୁମୋଦନ କରାଗଲା*

ଜିଲ୍ଲାପାଳ, ଗଞ୍ଜାମ

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର
Chief Dist. Veterinary Officer
Ganjam, Berhampur